# Akashvani, Sambalpur

## SAMBALPURI NEWS EVENING BULLETIN

**4 July 2025- 7.02 pm- 7.12 pm.**

*********************************************

୧- ୯ ଦିନିଆ ଯାତ୍ରା ଶେଷ୍ କରିକରି ଆଏବା କାଏଲ୍ ଜନ୍ମବେଦୀନୁ ରତ୍ନବେଦୀକେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି ।

- ବାହୁଡ଼ା ଯାତ୍ରାର୍ ଲାଗି ପୁରୀ ନ କଡ଼ା ସୁରକ୍ଷା ବ୍ୟବସ୍ଥା ।

୨- ପୁରୀ ପୌରପାଳିକାକେ ମହାନଗର୍ ନିଗମ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ନିଷ୍ପତି ।

- ସହରେ ଥାପ୍‌ନା ହେବା ବିଶ୍ୱସ୍ତରୀୟ ସଂଗ୍ରହାଳୟ ଆଉ ପାଠାଗାର ।

୩- ତେଲେଙ୍ଗାନା ଦୁର୍ଘଟଣାଥି ଜୀବନ୍ ଯାଇଥିବା ଶ୍ରମିକମାନ୍‌କର୍ ପରିବାର୍ ଲୁକ୍‌କୁ ୧୦ ଲାଖ୍ ଟଙ୍କା ଲେଖା ସାହାଜ୍ ଘୋଷ୍‌ନା କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ଦେବ୍‌ଗଡ଼୍ ଜିଲ୍ଲା ନ ଶହେ ୬୩ କୋଟି ଟଙ୍କାର୍ ୪୫ ଟା ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ବାହୁଡ଼ା ଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ଚତୁର୍ଦ୍ଧାମୂର୍ତିଙ୍କର୍ ୯ ଦିନିଆ ଗୁଣ୍ଡିଚା ଯାତ୍ରାର ଆଏଜ୍ ହେଉଛେ ଶେଷ୍ ଦିନ୍ । ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିର୍ ଆଡ଼ପ ମଣ୍ଡପ୍ ଠାନେ ମାହାପୁରୁମାନ୍‌କର୍ ସନ୍ଧ୍ୟା ଦର୍ଶନ୍ ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେତକ୍ ଚାଲିଥିଲା । ଆଏବା କାଏଲ୍ ବାହୁଡ଼ା ଯାତ୍ରାର୍ ଲାଗି ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ତୟାରି ଶେଷ୍ ହେଇଯାଇଛେ । ମାହାପୁରୁମାନ୍‌କର୍ ସନ୍ଧ୍ୟାଦର୍ଶନ୍ ଆଉ ବାହୁଡ଼ାଯାତ୍ରାକେ ନେଇକରି ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ଅଷାଢ଼୍ ମାସର୍ ଉଜଲ୍‌ପଖର୍ ଦଶ୍‌ମୀ ତିଥି ଦିନ ମାହାପୁରୁମାନେ ଶ୍ରୀଗୁଣ୍ଡିଚା ମନ୍ଦିର୍‌ନୁ ଶ୍ରୀମନ୍ଦିର୍‌କେ ଫିର୍‌ବେ । ଶ୍ରୀଜଗନ୍ନାଥ୍, ଶ୍ରୀବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ଇ ପବିତ୍ର ଯାତ୍ରାର୍ ଅଲୌକିକ ଅନୁଭୂତି ପାଏବାର୍ ଲାଗି ଶ୍ରଦ୍ଧାଲୁମାନେ ଚାହିଁ ରହିଛନ୍ । ଶ୍ରୀକ୍ଷେତ୍ର ନ ଭକ୍ତଙ୍କର୍ ଭିଡ୍ ଜମ୍‌ବାର୍ ସହେତେ ଭକ୍ତ ଆଉ ଭଗବାନ୍‌ଙ୍କର୍ ଫେର୍‌ଘାଏ ଅପୂର୍ବ ମିଲନ୍ ଲାଗି ସବୁ ପ୍ରସ୍ତୁତି ଶେଷ ଖେପ୍‌କେ ପୁହୁଁଚିଛେ । ଶ୍ରୀମନ୍ଦିର୍ ପ୍ରଶାସନ୍‌ର ସୂଚ୍‌ନା ଅନ୍‌ସାରେ ସବୁ ସେବକ ନିଯୋଗ୍‌ଙ୍କୁ କାମ୍‌ଥି ସହଯୋଗ୍ ଆଉ ତାଲ୍‌ମେଲ୍ ରଖିବାର୍ ଲାଗି କୁହାଯାଇଛେ ।*

*ନୀତିନିର୍ଘଂଟ ଅନ୍‌ସାରେ ଆଏଜ୍ ମାହାପୁରୁମାନ୍‌କର୍ ସନ୍ଧ୍ୟାଦର୍ଶନ୍ ଉତ୍‌ରୁ ଆଏଜ୍ ଶ୍ରୀଗୁଣ୍ଡିଚା ମନ୍ଦିର୍‌ର ସିଂହଦୁଆର୍ ବନ୍ଦ୍ କରାଯାଇଛେ । ଧାରିଜ୍ ସମିଆଥି ଶ୍ରୀଗୁଣ୍ଡିଚା ମନ୍ଦିରର୍ ସୋଧ କରାଯାଇକରି ମାହାପୁରୁମାନ୍‌କର୍ ବହୁତ୍ ଗୁରୁତ୍ୱପୂର୍ଣ୍ଣ ନୀତି କରାଯିବା । ଆଏବା କାଏଲ୍ ଉପର୍‌ବେଲା ୪ ବଜେ ରଥଟଣା ହେବା । ରଏବାର୍ ଦିନ ସୁନାବେଶ, ସୋମ୍‌ବାର୍ ଦିନ ଅଧରପଣା ନୀତି ଆଉ ମଙ୍ଗଲ୍‌ବାର୍ ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ନୀଳାଦ୍ରୀ ବିଜେ ହେବା । ଦକ୍ଷିଣ୍ ମୁହାଁ ହେଇକରି ଯାତ୍ରା କରୁଥିବା ଶ୍ରୀବିଗ୍ରହମାନ୍‌କର୍ ଆଏବା କାଏଲ୍ ବାହୁଡ଼ାଯାତ୍ରା ବେଲ୍‌କେ ଦର୍ଶନ୍ କଲେ କୋଟି ଜନ୍ମର୍ ଫଲ୍ ମିଲ୍‌ସି ବଲି ପୁରାଣ୍ ଶାସ୍ତ୍ରଥି ବର୍ଣ୍ଣିତ ରହିଛେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।*

ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ୍ ମ୍ୟୁଜିୟମ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ପୁରୀ ପୌରପାଳିକାକେ ମହାନଗର୍ ନିଗମ୍ କର୍‌ବାର୍‌କେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଇ ବାବ୍‌ଦେ ସାମ୍ବାଦିକ୍ ସମ୍ମିଲନୀଥି ମୁଖ୍ୟମନ୍ତ୍ରୀ

କହିଛନ୍, ପୁରୀ ସହର୍‌କେ ନୂଆଁ ଢାଂଚାଥି ତିଆର୍ କର୍‌ବାର୍ ଆବଶ୍ୟକତା ରହିଛେ । ବଢୁଥିବା ଜନସଂଖ୍ୟା ଆଉ ଭକ୍ତଙ୍କର୍ ସମାଗମ୍‌କେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ । ପୁରୀ ସହର୍ ସଙ୍ଗେ ଆଖର୍‌ପାଖର୍ ପଂଚାୟତ୍ ମାନ୍‌କୁ ମିଶେଇକରି ମହାନଗର୍ ନିଗମ୍ ଗଠନ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁରୀ ସହର୍ ନ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ୍ ମ୍ୟୁଜିୟମ୍ ସହେତେ ଗବେଷଣା କେନ୍ଦ୍ର ଆଉ ଲାଇବ୍ରେରୀ ଥାପ୍‌ନା କରାଯିବା ବଲି ଭିଲ୍ ଘୋଷ୍‌ନା କରିଛନ୍ । ସେ କହିଛନ୍, ଗୁଟେ ପରିସର୍‌ଥି ମ୍ୟୁଜିୟମ୍, ଗବେଷଣା କେନ୍ଦ୍ର ଆଉ ଲାଇବ୍ରେରୀ ରହେବା । ୩ ଶହ ଆସନ୍ ଥିବା ଅଡିଟୋରିୟମ୍ ସାଙ୍ଗେ ମୁକ୍ତାକାଶ୍ ରଙ୍ଗମଙ୍ଗ ଭିଲ୍ ନିର୍ମାଣ୍ କରାଯିବା । ଅଡିଟୋରିୟମ୍ ନ ଫି' ଦିନ ଲାଇଟ୍ ଏଣ୍ଡ୍ ସାଉଣ୍ଡ୍ ସୋ ପ୍ରଦର୍ଶନ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ବାହୁଡ଼ାଯାତ୍ରା ସମୀକ୍ଷା ପୁରୀ ସମ୍ବାଦଦାତା

ଆଏବା କାଏଲ୍ ମାହାପୁରୁମାନ୍‌କର୍ ଶ୍ରୀକ୍ଷେତ୍ର ପୁରୀ ନ ମାହାପୁରୁମାନ୍‌କର୍ ବାହୁଡ଼ା ଯାତ୍ରାକେ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆଏଜ୍

ପ୍ରଶାସନିକ୍ ତୟାରିର୍ ସମୀକ୍ଷା କରିଛନ୍ । ନୀତି ସହେତେ ସେବାୟତ୍‌ମାନେ ସମିଆ ଅନ୍‌ସାରେ ନୀତିକାନ୍ତି କର୍‌ବେ । ପ୍ରଶାସନ୍ ତରଫୁ ଇ ବାବ୍‌ଦେ ସବୁ ପଦକ୍ଷେପ୍ ନିଆୟାଇଛେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ସେଆଡ଼େ ବାହୁଡ଼ା ବେଲ୍‌କେ ଭକ୍ତଙ୍କର୍ ଭିଡ଼୍‌କେ ନଜର୍‌ଥି ରଖିକରି ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ ଶ୍ରୀଗୁଣ୍ଡିଚା ମନ୍ଦିର୍ ପାଖେ ସୁରକ୍ଷା ବ୍ୟବସ୍ଥାର୍ ତଦାରଖ୍ କରିଛନ୍ ।

ପୁରୀ ଶରଧାବାଲି ଦଲାଚକ୍‌ଟା ଘଟ୍‌ନା ଏକ୍ସ

ପୁରୀ ଶରଧାବାଲି ଦଲାଚକ୍‌ଟା ଘଟ୍‌ନାର୍ ଭିଡ଼ିଓ ଆଉ ତଥ୍ୟ ଦେବାର୍ ଲାଗି ତଦନ୍ତକାରୀ କମିଟିର୍ ଅଧକ୍ଷା ଅନୁଗର୍ଗ ଜନସାଧାରଣଙ୍କୁ ଅନୁରୋଧ୍ କରିଛନ୍ । ଇ ବାବ୍‌ଦେ ଗୁଟେ ସ୍ୱତନ୍ତ୍ର

ଇ-ମେଲ୍ ଆଇଡି puritragedy.inquary@odisha.gov.in ଥି ସୂଚନା ପଠେଇପାର୍‌ବେ ବଲି ଶ୍ରୀମତୀ ଗର୍ଗ କହିଛନ୍ । ଇତାର୍‌ସହେତେ କେନ୍‌ସି ଭିଲ୍ ଲୋକ୍ ଭୁବ୍‌ନେଶ୍ୱର୍ ଅତିଥି ଭବନ୍ ଆଉ ପୁରୀ ସ୍ୱେଶାଲ୍ ସର୍କିଟ୍ ହାଉସ୍‌କେ ପୁହୁଁଚିକରି ବ୍ୟକ୍ତିଗତ ଭାବେ ଭିଲ୍ ତଥ୍ୟ ଦେଇପାର୍‌ବେ ବଲି ଶ୍ରୀମତୀ ଗର୍ଗ କହିଛନ୍ ।

ମୁଖ୍ୟମନ୍ତ୍ରୀ-ପୁରୀ ପୁରୀ ସମ୍ବାଦଦାତା

ସଂସ୍କୃତି ଆଉ ସଂସ୍କାର୍ ଧର୍ମୀ କାମ୍ ଆଉ ଇତାର୍ ବିକାଶ୍ ଲାଗି ରାଜ୍ୟ ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପୁରୀ ମଙ୍ଗଳାଘାଟ୍ ଠାନେ ହେଇଥିବା ରାମଚରିତ ମାନସ ମନ୍ଦିରର୍ ଭୂମିପୂଜନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । କାର୍ଯ୍ୟକ୍ରମ୍‌ଥି ପଦ୍ମ ବିଭୂଷଣ୍ ଜଗତ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଜୀ ମହାରାଜ୍ ଅଧ୍ୟକ୍ଷତା କରିଥିଲେ ।

ତେଲେଙ୍ଗାନା କାରଖାନା ବିସ୍ଫୋରଣ-ସାହାଜ୍ I&PR

ତେଲେଙ୍ଗାନା କାରଖାନା ବିସ୍ଫୋରଣ ଘଟ୍‌ନାଥି ଜୀବନ୍ ଯାଇଥିବା ୮ ଝନ୍ ଓଡ଼ିଆ ଶ୍ରମିକଙ୍କର୍ ପରିବାର୍ ଲୁକ୍‌କୁ ୧୦ ଲାଖ୍ ଟଙ୍କା ଲେଖା ଅନୁକମ୍ପା ସାହାଜ୍ ଯୁଗେଇ ଦେବେ ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ସାହାଜ୍ ପାଣ୍ଠିନୁ ଇ ସାହାଜ୍ ଟଙ୍କା ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ । ମୃତକ୍‌ମାନଙ୍କର୍ ଭିତ୍‌ରେ ଗଞ୍ଜାମ ଜିଲ୍ଲାର ସବୁନୁ ଜହ ୩ ଝନ୍ ଥିବାବେଲ୍‌କେ

ନବରଙ୍ଗପୁରନୁ ୨ ଝନ୍, ବାଲେଶ୍ୱର, ଯାଜପୁର ଆଉ କଟକ ଜିଲ୍ଲାର୍ ଝନେ ଲେଖା ଶ୍ରମିକ ଅଛନ୍ ।

କେନ୍ଦ୍ରଶିକ୍ଷାମନ୍ତ୍ରୀ- ଦେବ୍‌ଗଡ଼୍ ଦେବ୍‌ଗଡ଼୍ ସମ୍ବାଦଦାତା/ଏକ୍ସ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଦେବ୍‌ଗଡ଼୍ ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇଛନ୍ । ସଖାଲ୍‌ବେଲା ଦେବ୍‌ଗଡ଼୍ ଗୁଣ୍ଡିଚା ମନ୍ଦିର୍ ନ ମାହାପୁରୁଙ୍କର୍ ଦର୍ଶନ୍ କର୍‌ବାର୍ ଉତ୍‌ରୁ ସହରର୍ ନୂଆଁ ବସ୍ ଟର୍ମିନାଲ୍ ଆଉ ବର୍ଜ୍ୟବସ୍ତୁ ପରିଚାଲନା ଗାଡ଼ିମାନ୍‌କର୍ ଲୋକାର୍ପଣ୍ କରିଛନ୍ । ତାର୍ ଉତ୍‌ରୁ ବନବିଭାଗ୍ ତର୍‌ଫୁ ହେଇଥିବା ବନ ମହୋତ୍ସବ୍ ସପ୍ତାହଥି ଯୋଗ୍ ଦେଇକରି ତିଲେଇବଣି ସୁଗୁଡ଼ା ଠାନେ ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ଥି ଗଛ୍ ଜଗେଇଥିଲେ । ଉପର୍‌ବେଲା ଦେବ୍‌ଗଡ଼୍ ଠାନେ ଗରିବ୍ କଲ୍ୟାଣ୍ ଆଉ ବିକାଶ୍ ସମାବେଶ୍‌ଥି ଯୋଗ୍ ଦେଇକରି ଶହେ ୬୩ କୋଟି ଟଙ୍କାର୍ ୪୫ ଟା ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ କରିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ସମ୍ବଲପୁର ସମ୍ବଲପୁର୍ ସମ୍ବାଦଦାତା

କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍ପୁର୍ ଗସ୍ତଥି ଆସିକରି ବର୍ଗଡ୍-ସମ୍ବଲ୍ପୁର୍ ରାଜ୍ପଥ୍ ଠାନେ ସ୍ୱାଗତ ତୋରଣ୍ର ଲୋକାର୍ପଣ୍ କରିଛନ୍ । ଇତାର୍ସହେତେ ଦୁର୍ଗାପାଲି ଠାନେ ଥିବା ସୌନ୍ଦର୍ଯ୍ୟକରଣ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ । ତାର୍ଉତ୍ରୁ ପର୍ଧିଆପାଲି ଠାନେ ଭିଲ୍ ଗୁଟେ ସ୍ୱାଗତ ତୋରଣ ଉଦ୍‌ଘାଟନ୍ କରିଛନ୍ । ସଞ୍ଜ୍‌ବେଲେ ଆର୍‌ଡିସି କାର୍ଯ୍ୟାଲୟ ପରିସର୍‌ନ ବୀର ସୁରେନ୍ଦ୍ର ସାଏଙ୍କର୍ ପ୍ରତିମୂର୍ତ୍ତି ଉନ୍ମୋଚନ୍ କରିଛନ୍ ।

ସମବାୟ ପଦଯାତ୍ରା I&PR

ସମବାୟ ମନ୍ତ୍ରଣାଲୟ ତର୍‌ଫୁ ଆଏବା କାଏଲ୍ ୪ ନମ୍ବର୍ ବାର୍ଷିକୀ ପ୍ରତିଷ୍ଠା ଦିବସ୍ ପାଲନ୍ କରାଯିବା । ଅନ୍ତର୍ଜାତୀୟ ସମବାୟ ବଛର୍ -୨୦୨୫ ପାଲନ୍ ଆଘୋନୁ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସମବାୟ ପଦଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ସମବାୟ ମନ୍ତ୍ରୀ ପ୍ରଦୀପ ବଲସାମନ୍ତ ପଦଯାତ୍ରାକେ ଉଦ୍‌ଘାଟନ୍ କରିକରି ସମବାୟ ଅନୁଷ୍ଠାନ୍ ଗ୍ରାମୀଣ୍ ଓଡ଼ିଶାର୍ ଗ୍ରୋଥ୍ ଇଞ୍ଜିନ୍ ଆଏ ବଲି କହିଛନ୍ । ସଖାଲର୍ ୭ ବଜେ ଭୁବ୍‌ନେଶ୍ୱର୍ ମଧୁସୂଦନ୍

ସମବାୟ ପରିଚାଳନା ପ୍ରତିଷ୍ଠାନ୍ ଠାନୁ ଗୋପବନ୍ଧୁ ଛକ୍‌ତକ୍ ଇ ପଦଯାତ୍ରା ଯାଇଥିଲା ।

ତେଲେଙ୍ଗାନା କାରଖାନା ବିସ୍ଫୋରଣ-ସାହାଜ୍ I&PR

ତେଲେଙ୍ଗାନା କାରଖାନା ବିସ୍ଫୋରଣ ଘଟ୍‌ନାଥି ଜୀବନ୍ ଯାଇଥିବା ୮ ଝନ୍ ଓଡ଼ିଆ ଶ୍ରମିକଙ୍କର୍ ପରିବାର୍ ଲୁକ୍‌କୁ ୧୦ ଲାଖ୍ ଟଙ୍କା ଲେଖା ଅନୁକମ୍ପା ସାହାଜ୍ ଯୁଗେଇ ଦେବେ ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ସାହାଜ୍ ପାଣ୍ଠିନୁ ଇ ସାହାଜ୍ ଟଙ୍କା ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ । ମୃତକ୍‌ମାନଙ୍କର୍ ଭିତ୍‌ରେ ଗଞ୍ଜାମ ଜିଲ୍ଲାର ସବୁନୁ ଜହ ୩ ଝନ୍ ଥିବାବେଲ୍‌କେ ନବରଙ୍ଗପୁରନୁ ୨ ଝନ୍, ବାଲେଶ୍ୱର, ଯାଜପୁର ଆଉ କଟକ ଜିଲ୍ଲାର୍ ଝନେ ଲେଖା ଶ୍ରମିକ ଅଛନ୍ । ସେଆଡ଼େ ରାଜ୍ୟ ସରକାରଙ୍କର ବହୁତ୍‌ଟେ ଦଲ୍ ଘଟ୍‌ନାସ୍ଥଲ୍‌କେ ଯାଇକରି ଆହତ୍ ଶ୍ରମିକମାନଙ୍କର୍ ଚିକିତ୍ସା କାମ୍‌ର ତଦାରଖି କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ଶିକ୍ଷାନୀତି I&PR

ରାଏଜେ ଜାତୀୟ ଶିକ୍ଷାନୀତି-ଏନ୍ଇପି ୨୦୨୦ କାର୍ଯ୍ୟକାରୀ କର୍ବାର୍ ଲାଗି ଭୁବନେଶ୍ୱର ଲୋକସେବା ଭବନ୍ଠାନେ ଆଏଜ୍ ଦୁଇ ନମ୍ବର ଟାସ୍କ ଫୋର୍ସ ବୈଠକ୍ ହେଇଯାଇଛେ । ଉନ୍ନୟନ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଭିନ୍ ଭିନ୍ ବିଭାଗର୍ ତାଲ୍ମେଲ୍ଥି ରାଏଜେ କାର୍ଯ୍ୟକାରୀ ହେଉଥିବା ନୂଆ ଜାତୀୟ ଶିକ୍ଷାନୀତି ବାବ୍ଦେ ଆଲୋଚନା କରାଯାଇଥିଲା । ଶିକ୍ଷାନୀତି କାର୍ଯ୍ୟକାରୀ କର୍ବାର୍ ଦିଗେ ଆଇଟି ସକ୍ଷମ୍ ତଦାରଖ୍ ବ୍ୟବସ୍ଥା କାର୍ଯ୍ୟକାରୀ ଆଉ ବହୁଭାଷୀ ଶିକ୍ଷାକେ ତହଁକାବାର୍ ଲାଗି ପଦକ୍ଷେପ୍ ନେବାର୍କେ ଇ ଅବ୍ସରେ ଉନ୍ନୟନ କମିଶନର୍ ଜୋର୍ ଦେଇଛନ୍ ।

ବିଜେପି ରାଜ୍ୟ ସଭାପତି ନିର୍ବାଚନ ଆର୍ଏନ୍ୟୁ/ ସମ୍ବଲପୁର

ବିଜେପି ରାଜ୍ୟ ସଭାପତି ନିର୍ବାଚନ୍ ଲାଗି ଫେର୍ଘାଏ ପ୍ରକ୍ରିୟା ମୁଲ୍ ହେଇଛେ । ନିର୍ବାଚନ୍ ଲାଗି ଆଏବା ୬ ତାରିଖ୍ ବିଜ୍ଞପ୍ତି ବାହାର୍ବା । ୭ ତାରିଖ୍ ନାମାଙ୍କନ୍ ଦାଖଲ୍ ଆଉ ୮ ତାରିଖ୍ ଭୋଟ୍ ଗ୍ରହଣ୍ କରାଯିବା ବଲି ବିଜେପିର୍ ସହକାରୀ ନିର୍ବାଚନ୍ ଅଧିକାରୀ ଯତୀନ୍ ମହାନ୍ତି ସୂଚ୍ନା ଦେଇଛନ୍ ।

## ବାହୁଡ଼ା ଯାତ୍ରା-ବୈଠକ୍ ବୌଦ୍ଧ ସମ୍ବାଦଦାତା

ବାହୁଡ଼ା ଯାତ୍ରାକେ ଶାନ୍ତି ଶୃଙ୍ଖଲାର୍ ସହେତେ କର୍‌ବାର୍ ଲାଗି ବୌଦ୍ଧ ସର୍କିଟ୍ ହାଉସ୍ ଠାନେ ଆଏଜ୍ ଗୁଟେ ଜରୁରୀ ବୈଠକ୍ ହେଇଥିଲା । ଦେବୋତର୍ ଅଧିକାରୀ ଆଉ ଉପଜିଲ୍ଲାପାଲ୍ ପ୍ରବୀଣ୍ କୁମାର୍ ବାଣୁଆଙ୍କର୍ ନେତୃତ୍ୱଥି ହେଇଥିବା ବୈଠକ୍‌ଥି ବାହୁଡ଼ା ଦିନ ୧୧ ବଜେ ଆଘୋନୁ ସବୁ ନୀତିକାନ୍ତି ସାରିକରି ଠିକ୍ ସମିଆଥି ପହଣ୍ଡି କର୍‌ବାର୍ ଲାଗି ଧାରିଜ୍ କରାଯାଇଛେ । ଉପର୍‌ବେଲା ୪ ବଜେ ମାହାପୁରୁମାନ୍‌କୁ ରଥାରୁଢ଼ କରିକରି ଛେରାପହଁରା ଆଉ ରଥ୍‌ଛୁଆଁ ନୀତି କରାଯିବା । ୫ ବଜେ ରଥ୍ ଘିଚ୍‌ବାର୍ ଲାଗି ବୈଠକ୍‌ଥି ଧାରିଜ୍ କରାଯାଇଛେ ।

## ସୁବର୍ଣ୍ଣପୁର ବୃକ୍ଷରୋପଣ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲା ବନ ବିଭାଗ୍ ଆଉ ଓଡ଼ିଶା ବନ ଉନ୍ନୟନ ପ୍ରକଳ୍ପ ତର୍‌ଫୁ ଉଲୁଣ୍ଡା ବନାଂଚଲ୍ କପାସିରା ଗାଁଠାନେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଗାଁର୍ ବନସୁରକ୍ଷା ସମିତିର ସଦସ୍ୟ, ଯୁବକ୍ ସଂଘ, ମହିଳା

ଏସ୍ଏଚ୍ଜିର୍ ସଦସ୍ୟମାନେ ଯୋଗ୍ ଦେଇକରି ହଜାରେନୁ ଅଏତ୍କା ଗଛ୍ ଜଗେଇଛନ୍ । ସୂଚ୍ନା ଅନ୍ସାରେ ଜୁଲାଇ ୧ ତାରିଖ୍ନୁ ମୁଲ୍ ହେଇଥିବା ବନ ମହୋତ୍ସବ୍ ସପ୍ତାହ ଅବ୍ସରେ ଉଲୁଣ୍ଡା ବନାଂଚଲ୍ର ଖଜୁରିଆପାଲି, ମେଘନାଦ, କୁଦପାଲି, ଅନନ୍ତପାଲି ଏସ୍.ପତ୍ରାପାଲି ଗାଁନ ୧୫ ହଜାର୍ନୁ ଅଏତ୍କା ଗଛ ଜଗାଯାଇଛେ ବଲି ବନାଂଚଲ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ବନ ମହୋତ୍ସବ ସପ୍ତାହ           ସୁବର୍ଣ୍ଣପୁର୍ ସମ୍ବାଦଦାତା

ବନ ମହୋତ୍ସବ ସପ୍ତାହ ଅବ୍ସରେ ସୁବର୍ଣ୍ଣପୁର୍ ଜିଲ୍ଲା ଆଇନ୍ସେବା ପ୍ରାଧିକରଣ୍ ତର୍ଫୁ ଅର୍ଜୁନ୍ପୁର୍ ଜଙ୍ଗଲ୍ ପାଖେ ଥିବା ନଗରବଣ ଠାନେ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ଅଧ୍ୟକ୍ଷ ଆଉ ଜିଲ୍ଲା ଜଜ୍ ଧନୁର୍ଦ୍ଧର୍ ସେନାପତି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଗଛ୍ ଜଗେଇଥିଲେ । ଇ ଅବ୍ସରେ ପ୍ରାଧିକରଣ୍ର ସଦସ୍ୟ ଆଉ ବିଚାର୍ପତିମାନେ ଭିଲ୍ ଯୋଗ୍ ଦେଇକରି ଗଛ୍ ଜଗେଇଥିଲେ ।

ରେଡ଼କ୍ରସ୍ ପରାମର୍ଶଦାତା ପ୍ରଶିକ୍ଷଣ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଲୁଣିବାହାଲ୍ ପଲ୍ଲିବିକାଶ୍ ଉଚ୍ଚବିଦ୍ୟାଳୟ ଠାନେ ଚାଲିଥିବା ଜୁନିଅର୍ ରେଡ଼କ୍ରସ୍ ପରାମର୍ଶଦାତାଙ୍କର୍ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ୍ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ କଲାହାଣ୍ଡିର୍ ଆଘର୍ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର୍ ଚୋପ୍‌ଦାର୍ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହେବାର୍ ସହେତେ ଲଘୁଚାପ୍ ପ୍ରଭାବ୍‌ଥି ଜବର୍ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ସୂଚ୍‌ନା ଅନ୍‌ସାରେ ଆଏବା ୪ ଦିନ୍ ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ୨୦ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି

ପାଣିପାଗ୍ କେନ୍ଦ୍ର ତରଫ୍ରୁ ସତର୍କ ସୂଚ୍ନା ଜାରି କରାଯାଇଛେ ।